# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ତୁରେକେଲା

E-mail: cdpo_turekela@yahoo.in, cdpoturekh.or@nic.in


ବିଜ୍ଞାପନ ସଂଖ୍ୟା ......୬୬୩...... ତାରିଖ ......୧୯/୦୫/୨୦୨୫......

ଏତଦ୍ୱାରା ନିମ୍ନରେ ବର୍ଣ୍ଣାଯାଇଥିବା ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ରେ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ନିମ୍ନ ଯୋଗ୍ୟତା ଥିବା ମହିଳା ପ୍ରାର୍ଥିନୀମାନଙ୍କ ଠାରୁ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଯେଉଁ ପ୍ରାର୍ଥିନୀମାନେ ଉକ୍ତ ପଦବୀ ପାଇଁ ଇଚ୍ଛୁକ ଓ ନିମ୍ନରେ ଦର୍ଶାଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରୁଥିବେ, ସେମାନେ Online Portal ମାଧ୍ୟମରେ Website(URL:http://engagement-awc.odisha.gov.in) ରେ Login କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତା ପ୍ରମାଣପତ୍ର Upload କରି ଆସନ୍ତା ତା.୨୧.୦୫.୨୦୨୫ ରିଖ ରୁ ତା.୦୪.୦୬.୨୦୨୫ ରିଖ ମଧ୍ୟରେ ଦରଖାସ୍ତ ଆବେଦନ କରିପାରିବେ । ଏହା ବ୍ୟତୀତ Offline ଆବେଦନ ଗ୍ରହଣ କରାଯିବ ନାହିଁ । ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନୂତନ ମାର୍ଗଦର୍ଶିକା ପତ୍ର ସଂଖ୍ୟା ୪୯୭୦/WCD ତା. ୧୫.୦୩.୨୦୨୩, ୧୫୦୧୫/WCD ତା.୧୫.୦୭.୨୦୨୪ ଓ ୧୯୦୪୫/WCD ତା. ୨୮.୦୮.୨୦୨୪ ର ନିୟମାବଳୀ ଅନୁଯାୟୀ ଅଙ୍ଗନୱାଡି କର୍ମୀ ଚୟନ କରାଯିବ ।

ବରିଆଲି ଅଙ୍ଗନୱାଡି କେନ୍ଦ୍ର ମାଡା ଅଞ୍ଚଳ (MADA AREA) ଅନ୍ତର୍ଭୁକ୍ତ ହୋଇଥିବାରୁ ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ କେବଳ ଅନୁସୂଚିତ ଜନଜାତି (ST) ର ପ୍ରାର୍ଥିନୀ ମାନେ ଆବେଦନ କରିପାରିବେ ।

| କ୍ର. ସଂଖ୍ୟା | ଅଙ୍ଗନୱାଡି କେନ୍ଦ୍ରର ନାମ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ |
|---|---|---|---|
| ୧ | ବରିଆଲି | ବରିଆଲି | ଢୋଲମାନ୍ଦଲ |

<u>ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ଆବେଦନକାରୀଙ୍କ ଯୋଗ୍ୟତା ଓ ସର୍ତ୍ତାବଳୀ -</u>

୧) ଆବେଦନକାରୀ ଜଣେ ମହିଳା ପ୍ରାର୍ଥିନୀ ହୋଇଥିବେ ।

୨) ପ୍ରାର୍ଥିନୀସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩) ପ୍ରାର୍ଥୀନୀଙ୍କ ବୟସ ତା. ୦୧.୦୧.୨୦୨୫ ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଅଧିକ ହୋଇନଥିବ ।

୪) ପ୍ରାର୍ଥୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଶ୍ରେଣୀ ପାସ ହୋଇଥିବ ।

୫) ବରିଆଲି ଅଙ୍ଗନୱାଡି କେନ୍ଦ୍ର ମାଡା ଅଞ୍ଚଳ (MADA AREA) ଅନ୍ତର୍ଭୁକ୍ତ ହୋଇଥିବାରୁ ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ କେବଳ ଅନୁସୁଚିତ ଜନଜାତି (ST) ର ପ୍ରାର୍ଥିନୀ ମାନେ ଆବେଦନ କରିପାରିବେ । ଅନୁସୁଚିତ ଜନଜାତି (ST) ବ୍ୟତିତ ଅନ୍ୟ ଜାତିର ପ୍ରାର୍ଥୀ ଆବେଦନ କରିଥିଲେ ଆବେଦନ କୁ ନାକଚ (reject) କରାଯିବ ।

୬) ଉକ୍ତ ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଓ ମନୋନୀତ ଅଙ୍ଗନବାଡି କର୍ମୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ପାରିତୋଷିକ ପ୍ରଦାନ କରାଯିବ ।

୭) ପ୍ରାର୍ଥୀ ଓଡିଆ ଭାଷା ଲେଖି, ପଢି, ଓ କହି ପାରୁଥିବେ । ଏହା ବ୍ୟତିତ ଓଡିଆ ଏକ ଭାଷା ବିଷୟ ଭାବରେ ମଧ୍ୟମ ବିଦ୍ୟାଳୟ ପରିକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବେ/ କିମ୍ବା ଓଡିଆ ଏକ ଅଣ-ଭାଷା ବିଷୟ ବସ୍ତୁରେ ପରୀକ୍ଷାର ମାଧ୍ୟମ ଭାବରେ ଉଚ୍ଚ ବିଦ୍ୟାଳୟ ସାର୍ଟିଫିକେଟ କିମ୍ବା ସମାନ ପରୀକ୍ଷା ରେ ଉତ୍ତିର୍ଣ୍ଣ ହୋଇଥିବେ/ କିମ୍ବା ଓଡିଆ ଏକ ଭାଷା ବିଷୟ ଭାବରେ ଓଡିଶା କିମ୍ବା କେନ୍ଦ୍ର ସରକାର ଦ୍ୱାରା ପରିଚାଳିତ ସପ୍ତମ ଶ୍ରେଣୀ ପରିକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବେ/ କିମ୍ବା ମଧ୍ୟମ ଇଂରାଜୀ ବିଦ୍ୟାଳୟ ରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଓଡିଆ ପରିକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବେ ।

୮) ଆବେଦନକାରୀଙ୍କ ଠାରୁ ପାଇଥିବା ସମସ୍ତ ଆବେଦନ ଫର୍ମ ଆସନ୍ତା ତା. ୦୫.୦୬.୨୦୨୫ ରିଖ ସକାଳ ୮.୦୦ ଘଟିକା ରୁ ୧୧.୦୦ ଘଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରାଯିବ । ସମସ୍ତ ଆବେଦନକାରୀ ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କର ସମସ୍ତ ମୂଳ ପ୍ରମାଣପତ୍ର ସହିତ ନିଜେ ଉପସ୍ଥିତ ରହି ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇନେବେ। ନିର୍ଦ୍ଧାରିତ ସମୟରେ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇ ନପାରିଲେ ଉକ୍ତ ଆବେଦନ ଫର୍ମ କୁ ନାକଚ (reject) କରାଯିବ ।

୯) ଆବେଦନ ଫର୍ମ ସହିତ ଆବଶ୍ୟକୀୟ ପ୍ରମାଣପତ୍ର ଗୁଡିକୁ ସଂଲଗ୍ନ (upload) କରିବେ ନଚେତ ଆବେଦନଫର୍ମ କୁ ନାକଚ (reject) କରାଯିବ ।

୧୦) ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞପ୍ତିକୁ ଆଂଶିକ କିମ୍ବା ସଂପୂର୍ଣ୍ଣ ଭାବେ ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

୧୧) ନିମ୍ନଲିଖିତ ବର୍ଗଗୁଡିକୁ ଅତିରିକ୍ତ ପଏଣ୍ଟ ପ୍ରଦାନ କରାଯିବ ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜନଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତାମାତା ନଥିବା) | ୧୦ |
| ୪ | ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ରୁ ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବରେ ଗ୍ରହଣ କରାଯିବ) | ୫ |
| ୫ | ନିରାଶ୍ରୟ/ ଛାଡପତ୍ର ପ୍ରାପ୍ତ/ ପରିତ୍ୟକ୍ତ ମହିଳା | ୫ |
| ୬ | ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି | ୫ |
| ୭ | ଯଦି ପ୍ରାର୍ଥୀ ଅତୀତରେ ସମଗ୍ର ଶିକ୍ଷା/NPEGEL ଅଧୀନରେ ECCE କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି । | ୧୫ ପଏଣ୍ଟର ସର୍ବୋଚ୍ଚ ସୀମା ସହ ବାର୍ଷିକ ସେବା ପ୍ରଦାନ ପାଇଁ ୫ ପଏଣ୍ଟ |
| ୮ | ଯଦି ପ୍ରାର୍ଥୀ ଅତୀତରେ ଗାଁରେ ବାଲୱାଡିକର୍ମୀ ଭାବରେ କାର୍ଯ୍ୟ କରିଛନ୍ତି । | ୧୫ ପଏଣ୍ଟର ସର୍ବୋଚ୍ଚ ସୀମା ସହ ବାର୍ଷିକ ସେବା ପ୍ରଦାନ ପାଇଁ ୫ ପଏଣ୍ଟ |

<u>ଆବେଦନକଲା ସମୟରେ ଆବେଦନ ଫର୍ମ ସହିତ ନିମ୍ନଲିଖିତ ପ୍ରମାଣପତ୍ର ସଂଲଗ୍ନ (Upload) କରିବେ</u>

୧) ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର । (ଉଭୟ ସାର୍ଟିଫିକେଟ ଓ ମାର୍କସିଟ)

୨) ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣପତ୍ର । (ସରକାରଙ୍କ ନିୟମ ଅନୁସାରେ ଉପଯୁକ୍ତ ହୋଇଥିବା ଆବଶ୍ୟକ)

୩) ଯଦି ବିଧବା (ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର)/ ଅନାଥ (ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥାଶ୍ରମରୁ ପ୍ରମାଣିତ)/ ଶାରୀରିକ ଭିନ୍ନକ୍ଷମ (ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରୁ ପ୍ରାପ୍ତ ୪୦% ରୁ ଉର୍ଦ୍ଧ୍ୱ ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ର)/ ଛାଡପତ୍ର ପ୍ରାପ୍ତ (ଅଦାଲତ ରୁ ପ୍ରମାଣିତ)/ ନିରାଶ୍ରୟ/ ପରିତ୍ୟକ୍ତ ହୋଇଥିଲେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ପ୍ରମାଣପତ୍ର ।

୪) ଯଦି ଆବେଦନକାରୀ ଅତୀତରେ ସମଗ୍ର ଶିକ୍ଷା କିମ୍ବା NPEGEL ଅଧୀନରେ ECCE କର୍ମୀଭାବେ କାର୍ଯ୍ୟ କରିବାର କୌଣସି ଅଭିଜ୍ଞତା ଥାଏ ତାର ଉପଯୁକ୍ତ ପ୍ରମାଣପତ୍ର ।

୫) ଯଦି ଆବେଦନକାରୀ ଅତୀତରେ ବାଲୱାଡି କର୍ମୀ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ଥାଏ ତାର ଉପଯୁକ୍ତ ପ୍ରମାଣପତ୍ର।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଟୁରେକେଲା

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଟୁରେକେଲା

ପରିପତ୍ର ସଂଖ୍ୟା 554 /ତା. ୦୯/୦୪/୨୦୨୪

୧) ଏହାର ଏକ କିତା ନକଲ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ପାଇଁ ଏହି କାର୍ଯ୍ୟାଳୟର ସୂଚନା ଫଳକରେ ଛାପିବାର ପାଇଁ ନିର୍ଦ୍ଦେଶ ଦିଆଗଲା ।

୨) ଏହାର ଏକ କିତା ନକଲ ବରିଆଲି ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀ/ ମଣ୍ଡଳ ପରିଦର୍ଶିକା, ଢୋଲମାନ୍ଦଲ କୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ ଉକ୍ତ କେନ୍ଦ୍ରାଞ୍ଚଳର ୩ଟି ଜନଗହଳି ସ୍ଥାନରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଛାପିବେ ଓ ବହୁଳ ପ୍ରଚାର ନିମନ୍ତେ ବ୍ୟବସ୍ଥା କରିବେ ।

୩) ଏହାର ଏକ କିତା ନକଲ ଢୋଲମାନ୍ଦଲ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ପାଇଁ ପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକରେ ଛାପିବାର ବ୍ୟବସ୍ଥା କରାଇବେ ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତୁରେକେଲା
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ତୁରେକେଲା

ପରିପତ୍ର ସଂଖ୍ୟା 554 /ତା. ୦୯/୦୪/୨୦୨୪

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ତୁରେକେଲା/ ସ୍ୱାସ୍ଥ୍ୟ ଅଧିକାରୀ, ତୁରେକେଲା/ ଗୋଷ୍ଠି ଶିକ୍ଷା ଅଧିକାରୀ, ତୁରେକେଲା/ ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ, ତୁରେକେଲା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ପାଇଁ କାର୍ଯ୍ୟାଳୟର ସୂଚନା ଫଳକରେ ଛାପିବାର ବ୍ୟବସ୍ଥା କରାଇବେ ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତୁରେକେଲା
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ତୁରେକେଲା

ପରିପତ୍ର ସଂଖ୍ୟା 555 /ତା. ୦୯/୦୪/୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଟିଟିଲାଗଡ/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ବଲାଙ୍ଗିରଙ୍କ ସଦୟ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଦାନ କରାଗଲା ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ତୁରେକେଲା
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ତୁରେକେଲା